# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**14 December – 2025**

# ପ୍ରଧାନ ବିଚାରପତିଙ୍କ ଓଡ଼ିଶା ଗସ୍ତ

ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିତ ସୂର୍ଯ୍ୟକାନ୍ତ ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି । ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ ପକ୍ଷରୁ କଟକଠାରେ ଆୟୋଜିତ ଏକ ଆଲୋଚନା ଚକ୍ରରେ ଆଜି  ସେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । କଟକ ସହିଦଭବନ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜଷ୍ଟିସ ସୂର୍ଯ୍ୟକାନ୍ତ ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ, ମାମଲା ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବାର ରଣନୀତି ଉପରେ ନିଜର ମତ ଉପସ୍ଥାପନ କରିବେ ।

# ଲୋକ ଅଦାଲତ

ରାଜ୍ୟରେ  ଗତକାଲି ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ମୋଟ୍ ୩୦ଟି ଜିଲ୍ଲା ତଥା ବିଭିନ୍ନ ଟ୍ରିବ୍ୟୁନାଲରେ ବିଚାରାଧୀନ ଥିବା ମୋଟ୍ ୩ଲକ୍ଷ ୨୯ହଜାର  ୧୯୫ଟି ମାମଲାର ଫଏସଲା କରାଯାଇଛି । ୧୭୪କୋଟି ୭୩ଲକ୍ଷ ୭୫ହଜାର ୮୮୩ ଟଙ୍କା ଆଦାୟ କରାଯାଇଛି । ହାଇକୋର୍ଟ ଆଇନ୍‌ସେବା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଲୋକ ଅଦାଲତରେ ମୋଟ୍ ୧୬୫ଟି ମାମଲାର ସମାଧାନ

ହେବାସହ ୧୨କୋଟି ୯୩ଲକ୍ଷ ୪୧ହଜାର ୪୦୦ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ହାଇକୋର୍ଟର ବିଚାରପତିବୃନ୍ଦ ମାମଲା ଗୁଡ଼ିକର ପରିଚାଳନା କରିଥିଲେ ।

ନୂଆପଡାଠାରେ ଅନୁଷ୍ଠିତ ଲୋକ ଅଦାଲତରେ ମୋଟ୍ ୩ହଜାର ୮୯୪ଟି ମାମଲାର ଫଇସଲା କରାଯାଇ ୨କୋଟି ୨୦ଲକ୍ଷ ୭୪ହଜାର ୪୭୭ଟଙ୍କା ଆଦାୟ କରାଯାଇଛି ।

ନୟାଗଡଠାରେ ଅନୁଷ୍ଠିତ ରାଷ୍ଟ୍ରୀୟଲୋକ ଅଦାଲତରେ ୪ହଜାର ୫୮୫ଟି ମାମଲାର ଫଇସଲା କରାଯାଇଛି ।

## ପ୍ରତିଭା ଅନ୍ୱେଷଣ-ୟାଟ୍ସ

ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମରେ ୧୯ତମ ଯୁବ ର୍ଜ୍ୟୋତିବିଜ୍ଞାନୀ ପ୍ରତିଭା ଅନ୍ୱେଷଣ-ୟାଟ୍ସର ୨୦୨୫ ଚୂଡାନ୍ତ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚୂଡାନ୍ତ ପର୍ଯ୍ୟାୟ ପାଇଁ ମନୋନୀତ ୬୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କୃତକାର୍ଯ୍ୟ ହୋଇଥିବା ୩୦ଜଣଙ୍କୁ ପୁରସ୍କୃତ କରାଯାଇଛି । ପ୍ଲାନେଟୋରିୟମଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରାୟ ୭୬ହଜାର ୭୦୦ ଛାତ୍ରଛାତ୍ରୀ ୟାଟ୍ସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ପଠାଣି ସାମନ୍ତ ଜୟନ୍ତୀ

ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ୧୯୧ତମ ଜୟନ୍ତୀ ଗତକାଲି ନୟାଗଡ ଶ୍ରୀ ଜଗନ୍ନାଥ ମନ୍ଦିର ଯଦୁମଣି ମଣ୍ଡପଠାରେ ପାଳିତ ହୋଇଯାଇଛି । ନୟାଗଡ ସାମନ୍ତ ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ଚନ୍ଦ୍ରଶେଖରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ ।

# ନୀଳମଣି ବିଦ୍ୟାରତ୍ନଙ୍କ ଜୟନ୍ତୀ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ବିଦ୍ଧାଣି ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କର ଜୟନ୍ତୀ ଅବସରରେ ଆଜି ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି । ଭୁବନେଶ୍ୱର ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ଆଜି ସକାଳେ ମାଲ୍ୟାର୍ପଣ ସହ ଜୟଦେବଭବନ ଠାରେ ସଂଧ୍ୟାରେ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

## ଧାନସଂଗ୍ରହ

ନୂଆପଡା ଜିଲ୍ଲାରେ ମଣ୍ଡିରୁ ଧାନସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ୧୬ଟି ମଣ୍ଡିରେ ୩୮୮ଜଣ ଚାଷୀଙ୍କ ଠାରୁ ଗତକାଲି ସୁଦ୍ଧା ୧୬ହଜାର ୯୮୩ କ୍ୱିଣ୍ଟାଲ ଧାନ ସଂଗୃହୀତ ହୋଇଛି । ଯୋଗାଣ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଜିଲ୍ଲାରେ ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ଟୋକନ ବଣ୍ଟନ ବ୍ୟବସ୍ଥା ଆରମ୍ଭ ହେବ ।

## ଶକ୍ତି ସଂରକ୍ଷଣ ଦିବସ

ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତି ସଂରକ୍ଷଣ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟବସ୍ତୁ ରହିଛି 'ନିରନ୍ତର ଶକ୍ତି ନବସୃଜନ ଏବଂ ନାଗରିକ ଅଂଶଗ୍ରହଣକୁ ବୃଦ୍ଧି କରିବା' । ଆଗାମୀ ପିଢ଼ି ପାଇଁ ଏକ ଉଜ୍ଜ୍ୱଳ ଓ ସମୃଦ୍ଧମୟ ଭବିଷ୍ୟତକୁ ସୁନିଶ୍ଚିତ କରିବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ମଣ୍ଡେଇ

ନବରଙ୍ଗପୁର ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇର ଗତକାଲି ଦ୍ୱିତୀୟ ସଂଧ୍ୟାରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ

କିଶୋର ମହାପାତ୍ର ଯୋଗ ଦେଇଥିଲେ । ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବିଦ୍ୟାଳୟ ଭିତ୍ତିଭୂମି

ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଦୋଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭିତ୍ତିଭୂମି ବିକାଶ ଲକ୍ଷ୍ୟ ନେଇ କେତେକ ପ୍ରକଳ୍ପ କାର୍ଯ୍ୟକ୍ରମର ଗତକାଲି ଶୁଭାରମ୍ଭ ହୋଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏଥିରେ ଯୋଗଦେଇ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୧ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିବା ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ସୂଚନା ଦେଇଛନ୍ତି ।

## ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ ୨୦୨୫ ଆଜି ଉଦ୍‌ଯାପିତ ହେଉଛି । ମହିଳା ଏବଂ ପୁରୁଷ ବିଭିନ୍ନ ବର୍ଗର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଆଜି ଖେଳାଯିବ । ଗତକାଲି ସବୁ ବର୍ଗରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି ।

# ଶୀତ-ତାପମାତ୍ରା

ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି । ପ୍ରାୟ ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା ହ୍ରାସ ପାଉଥିବା ଜଣାପଡିଛି । ଘୁମୁସର ଉଦୟଗିରି, ସେମିଳିଗୁଡା, ଦାରିଙ୍ଗିବାଡି ଏବଂ ଫୁଲବାଣୀ ଅଞ୍ଚଳରେ ଗତ ୨ ସପ୍ତାହ ହେବ ଶୀତର ପ୍ରକୋପ ଅଧିକ ଅନୁଭୂତ ହେଉଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ର ଦେଇଥିବା ସୂଚନା ଅନୁଯାୟୀ ଗତ ୨୪ଘଣ୍ଟା ମଧ୍ୟରେ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫ ଦଶମିକ ୫ ରେକର୍ଡ କରାଯାଇଥିବାବେଳେ, କୋରାପୁଟରେ ୬ ଦଶମିକ ୫ ଏବଂ ଦାରିଙ୍ଗବାଡିରେ ୬ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି । ଅନ୍ୟ ୫ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ସେଲସିୟସ ତଳେ ରେକର୍ଡ କରାଯାଇଛି । ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ ରାଜ୍ୟରେ ଶୀତର ପ୍ରକୋପ ବଳବତ୍ତର ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି ।